# ପୌରପରିଷଦ କାର୍ଯ୍ୟାଳୟ, ରାଇରଙ୍ଗପୁର

ସଂଖ୍ୟା <u>୭୬୧ତା୦୨.୦୩.୨୦୨୪</u>

**୨୦୨୩-୨୪ ଆର୍ଥିକ ବର୍ଷ ନିମନ୍ତେ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ବର୍ଜ୍ୟ ବସ୍ତୁ ପରିଚାଳନା କାର୍ଯ୍ୟ ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ୍ ଇଂଟେରେଷ୍ଟ)**

ଏତଦ୍ୱାରା ରାଇରଙ୍ଗପୁର ପୌରପରିଷଦ, ରାଇରଙ୍ଗପୁର ଅନ୍ତର୍ଗତ ୧୫ଗୋଟି ୱାର୍ଡର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ରାଇରଙ୍ଗପୁର ପୌରାଂଚଳ ଅନ୍ତର୍ଗତ ୱାର୍ଡ ନଂ.୭ ଠାରେ ଥିବା ଆବର୍ଜନା ଗଦାରେ **ବର୍ଜ୍ୟ ବସ୍ତୁ ପରିଚାଳନା (Legacy Waste Processing) କାର୍ଯ୍ୟ** କରିବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଏଣୁ ଏଥି ନିମନ୍ତେ ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀମାନେ ଆସନ୍ତା ତା୦୬.୦୩.୨୦୨୪ରିଖ ଅପରାହ୍ନ ୪ଘଟିକା ମଧ୍ୟରେ ରାଇରଙ୍ଗପୁର ପୌର ପରିଷଦରେ ନିଜର ମୁଦା ଲଫାପାରେ ଆବେଦନ ପତ୍ର ଦାଖଲ କରିପାରିବେ ।

୧- ଏହି ଅଭିବ୍ୟକ୍ତି ଆବେଦନ ସମୟ ସମ୍ପୂର୍ଣ୍ଣ ହେବା ପରେ ତା୦୭.୦୩.୨୦୨୪ରିଖ ପୂର୍ବାହ୍ନ୧୧ଘଟିକା ସମୟରେ ରାଇରଙ୍ଗପୁର ପୌରପରିଷଦ ସଭା ଗୃହରେ ଖୋଲା ଯିବ ବୋଲି ସ୍ଥିର କରାଯାଇଅଛି ।

୨- ଏଥି ନିମନ୍ତେ ଆଗ୍ରହୀ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଏହାର ଅଭିବ୍ୟକ୍ତି ପ୍ରକାଶନ ସହିତ ଆବେଦନ ପତ୍ର ରାଇରଙ୍ଗପୁର ପୌରପରିଷଦର ୱେବ୍ ସାଇଟ୍ www.rairangpurmunicipality.org.ରୁ ଡାଉନ୍ ଲୋଡ୍ କରିପାରିବେ ଏବଂ ଗୋଷ୍ଠୀ ସଙ୍ଗଠିକାଙ୍କ ପାଖରୁ ମଧ ପାଇ ପାରିବେ ।

୩- ଏହି ଅଭିବ୍ୟକ୍ତି ପ୍ରକାଶନରେ ୧୫ଗୋଟି ୱାର୍ଡର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀମାନେ ଭାଗ ନେଇ ପାରିବେ

**<u>ଚୟନ ପ୍ରକ୍ରିୟା</u>**

୧- ପାରସ୍ପରିକ ଆଲୋଚନା ମାଧମରେ ଯୋଗ୍ୟ ବିବେଚିତ ଓ ପୂର୍ବ କାର୍ଯ୍ୟର ଅଭିଜ୍ଞତା ଅନୁସାରେ ମୂଲ୍ୟାୟନ କରାଯାଇ ଚୟନ କରାଯିବ ।

୨- ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ଯଦି ପୂର୍ବ ଅଭିଜ୍ଞତା ଉପରେ ସନ୍ତୁଷ୍ଟ ବ୍ୟକ୍ତ ନକରନ୍ତି ତେବେ ସେହି ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ କୁ ଖାରଜ ଘୋଷଣା କରାଯିବ ।

<u>ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ର ଯୋଗ୍ୟତା ପରିମାପକ ମାନଦଣ୍ଡ</u>

୧- ଆବେଦନ କରୁଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ସମ୍ପୃକ୍ତ ୱାର୍ଡର ହୋଇଥିବ ।

୨- **ପଞ୍ଚ** ସୂତ୍ରୀ ନିୟମକୁ ଅନୁପାଳନ କରାଯିବ, (ନିୟମିତ ବୈଠକ, ନିୟମିତ ସଂଚୟ, ନିୟମିତ ଗୋଷ୍ଠୀ ମଧରେ ଋଣ କାରବାର, ନିୟମିତ ପରିଶୋଧ, ନିୟମିତ ହିସାବ ରଖିବା ଇତ୍ୟାଦି) ।

୩- ସ୍ୱୟଂ ସହାୟିକା ଗୋଷ୍ଠୀ ପଞ୍ଜିକରଣ ଅଭିବ୍ୟକ୍ତି ପ୍ରକାଶନର ତାରିଖ ପୂର୍ବରୁ ଏକ ବର୍ଷ ହୋଇଥିବ ।

୪- ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ର ପରମାନେନ୍ଟ ଆକାଉଂଟ୍ (ପ୍ୟାନ୍ ନମ୍ବର) ଥିବ ।

୫- ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ର ଜମାଖାତା ସକ୍ରିୟ ଥିବ ।

୬- କୌଣସି ଆର୍ଥିକ ଅନିୟମିତତା ଯଥା ଋଣ, ଏନ୍.ପି.ଏ. କିମ୍ବା ୱାନ୍ ଟାଇମ୍ ସେଟେଲ୍‌ମେଂଟ୍ ଘୋଷିତ ହୋଇନଥିବ ।

୭- ବର୍ଜ୍ୟ ବସ୍ତୁ ପରିଚାଳନା କାର୍ଯ୍ୟ କରିବା କ୍ଷେତ୍ରରେ ଅନୁନ୍ୟ ଏକ ବର୍ଷର ଅଭିଜ୍ଞତା ଥିବ ସେହି ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଅଗ୍ରାଧିକାର ଦିଆଯିବ ।

୮- ଯେଉଁ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନାମରେ କୌଣସି ମାଲିମକଦ୍ଦମା ଯଦି ଥାଏ ତେବେ ସେହି ଗୋଷ୍ଠିର ଆବେଦନକୁ ଖାରଜ କରାଯିବ ।

ନିର୍ବାହୀ ଅଧିକାରୀ
ରାଇରଙ୍ଗପୁର ପୌରପାଳିକା

ଜ୍ଞାପକ **ସଂଖ୍ୟା**<u>୭୬୨ତା୦୨.୦୩.୨୦୨୪</u>

ଏହାର ଏକକିତା ନକଲ ଶିଶୁ ବିକାଶ ଯୋଜନା ଅଧିକାରୀ, ରାଇରଙ୍ଗପୁର / ଜିଲ୍ଲା ସହର ଉନ୍ନୟନ ସଂସ୍ଥା, ମୟୂରଭଞ୍ଜ / ରାଜ୍ୟ ସହର ଉନ୍ନୟନ ସଂସ୍ଥା, ଓଡିଶା, ଭୁବନେଶ୍ୱର / ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ସ୍ୱଚ୍ଛ ଭାରତ ମିଶନ, ଓଡିଶା, ଭୁବନେଶ୍ୱରଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ରାଇରଙ୍ଗପୁର ପୌରପାଳିକା

## Application for Legacy waste processing at Dumping yard w.n-7 in Rairangpur Municipality

| | |
|---|---|
| Name of the Mission Shakti SHG | |
| Mission Shakti SHG Registration Number | |
| Mission Shakti SHG Registration Year | |
| Ward No | |
| Mission Shakti SHG PAN Number | |
| Communication Adress | |
| Contact Number- President/ Secretary | |
| Mission Shakti SHG Bank Account Number | |
| IFSC Details | |
| Branch Name | |

Required Documents:-

1. 1st Resolution Xerox Copy.
2. Bank Pass book Xerox Copy
3. Pan Card Xerox Copy
4. Aadhaar Card Xerox copy for President & Secretary

Signature with Seal
President

Signature with Seal
Secretary